**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**29 July - 2024**

**News Editor : *Itishree Singh Rathaur***

## ମୁଖ୍ୟମନ୍ତ୍ରୀଙ୍କ ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ନୂଆଦିଲ୍ଲୀରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟର ଉଚ୍ଚ ପଦାଧିକାରୀଙ୍କ ସହ ଆଲୋଚନା ବୈଠକରେ ଯୋଗ ଦେଇଥିଲେ । ନୀତି ଆୟୋଗ ବୈଠକରେ ଓଡ଼ିଶା ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ସେ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଓଡ଼ିଶାକୁ ବିକଶିତ କରିବା ଲକ୍ଷ୍ୟ ପୂରଣ ପାଇଁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସହଯୋଗ ଏବଂ ସମନ୍ୱୟର ଆବଶ୍ୟକତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ଏହି ବୈଠକରେ ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡ଼ା ଯୋଗ ଦେଇଥିଲେ ।

## କେନ୍ଦ୍ର କୋଇଲା ରାଷ୍ଟ୍ରମନ୍ତ୍ରୀଙ୍କ ଗସ୍ତ

କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଗତକାଲି ବୁର୍ଲାସ୍ଥିତ ମହାନଦୀ କୋଲ୍‌ଫିଲ୍‌ଡ୍‌ସ ମୁଖ୍ୟାଳୟ ପରିଦର୍ଶନ କରିଥିଲେ । କୋଇଲା ଉତ୍ପାଦନ ଏବଂ ରପ୍ତାନୀରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥିବାରୁ ଶ୍ରୀ ଦୁବେ ଏମ୍‌ସିଏଲ୍ କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ । ଏହି ଅବସରରେ ଏକ ସମୀକ୍ଷା ବୈଠକରେ ଯୋଗଦେବା ସହ **ମା' ପାଇଁ ଗଛଟିଏ**

ଅଭିଯାନରେ ସାମିଲ ହୋଇ ସେଠାରେ ଚାରା ରୋପଣ କରିଥିଲେ । ଡିଜିଟାଲ୍ କ୍ଲାସ୍‌ରୁମ୍ ପ୍ରୋଜେକ୍ଟ ଅଧୀନରେ ଶ୍ରୀ ଦୁବେଙ୍କ ଉପସ୍ଥିତିରେ ଏମ୍‌ସିଏଲ୍ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ୪ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହି ବୁଝାମଣାପତ୍ର ଅନୁଯାୟୀ ଏମ୍‌ସିଏଲ୍ ସମ୍ବଲପୁର, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାର ସରକାରୀ ବିଦ୍ୟାଳୟଗୁଡ଼ିକ ପାଇଁ ୫୦୦ ଟି ସ୍ମାର୍ଟକ୍ଲାସ୍‌ରୁମ୍ ଏବଂ ଝାରସୁଗୁଡ଼ାଜିଲ୍ଲାର ବିଦ୍ୟାଳୟ ଗୁଡ଼ିକରେ ୩୦ଟି ଏସ୍‌ଟିଇଏମ୍ ସମାଧାନ ପାଇଁ ୧୭ କୋଟି ୬ ଲକ୍ଷ ଟଙ୍କା ପ୍ରଦାନ କରିବ ।

# ବୈଠକ

ଶ୍ରୀମନ୍ଦିର ରତ୍ନ ଭଣ୍ଡାର ତଦାରଖ କମିଟି ବୈଠକ ଆଜି ପୂର୍ବାହ୍ନରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ । ଭିତର ଓ ବାହାର ରତ୍ନଭଣ୍ଡାର ମରାମତି ସହ ଅଳଙ୍କାର ଗୁଡ଼ିକର ଗଣତି ମଣତି ସଂପର୍କରେ ବୈଠକରେ ଆଲୋଚନା ହେବ। କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଏବଂ ଏଏସ୍‌ଆଇର ବରିଷ୍ଠ ଅଧିକାରୀ ଯୋଗଦେବେ ।

# ମୁଖ୍ୟମନ୍ତ୍ରୀ - ଅଭିଯୋଗ ଶୁଣାଣି

ବିଧାନସଭାର ଅଧିବେଶନ ଚାଲିଥିବାରୁ ଆଜି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଶୁଣାଣି ବନ୍ଦ ରହିବ । ସାଧାରଣ ପ୍ରଶାସନ ଓ ଅଭିଯୋଗ

ବିଭାଗ ପକ୍ଷରୁ ସମସ୍ତଙ୍କ ଅବଗତି ନିମନ୍ତେ ଏହି ସୂଚନା ପ୍ରଦାନ କରାଯାଇଛି ।

## ବ୍ୟାଘ୍ର ଦିବସ

ଆନ୍ତର୍ଜାତିକ ବ୍ୟାଘ୍ର ଦିବସ ଆଜି ସମଗ୍ର ଦେଶ ତଥା ରାଜ୍ୟରେ ପାଳନ କରାଯାଉଛି । ବ୍ୟାଘ୍ର ସଂରକ୍ଷଣକୁ ଗୁରୁତ୍ୱ ଦେବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । ପରିବେଶ ସନ୍ତୁଳନ ଦିଗରେ ବ୍ୟାଘ୍ର ସଂରକ୍ଷଣର ଆବଶ୍ୟକତା ନେଇ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ରାଜ୍ୟରେ ବାଘ ବଂଶ ବୃଦ୍ଧି କରିବା ପାଇଁ ବନ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରରୁ ବାଘୁଣୀ ସହ ୫ଟି ମହାବଳ ବାଘ ଅଣାଯିବାକୁ ବ୍ୟବସ୍ଥା କରାଯାଇଛି । ସେହି ବାଘ ଗୁଡ଼ିକୁ ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ଶିମିଳିପାଳରେ ଛଡ଼ାଯିବ । ଏଥିପାଇଁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ, କେନ୍ଦ୍ର ଜଙ୍ଗଲ, ଜଳବାୟୁ ପରିବର୍ତ୍ତନ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଆବଶ୍ୟକ ମଂଜୁରୀ ମିଳିସାରିଛି ବୋଲି ବନ ବିଭାଗ ସୂଚନା ଦେଇଛି ।

## କଳାବାଘ

ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ ନିକଟରେ ପ୍ରତିଷ୍ଠା ହେବାକୁ ଥିବା କଳାବାଘ ସଫାରୀ ପାଇଁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ ଅନୁମତି ପ୍ରଦାନ କରିଛନ୍ତି । ତେବେ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଚୂଡ଼ାନ୍ତ ଅନୁମୋଦନ ପରେ ଏଥିପାଇଁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ

ବୋଲି ବନ ବିଭାଗ କହିଛି । ଏହି ବାଘ ସଫାରୀରେ ପ୍ରଥମ ପର୍ଯ୍ୟାୟରେ ୫ଟି କଳାବାଘ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି । ନନ୍ଦନକାନନ ପ୍ରାଣୀ ଉଦ୍ୟାନରୁ ୩ଟି ଏବଂ ରାଞ୍ଚିସ୍ଥିତ ଭଗବାନ ବିର୍ସାମୁଣ୍ଡା ପ୍ରାଣୀ ସଂଗ୍ରହାଳୟରୁ ଆସିଥିବା ୨ଟି ବାଘୁଣୀକୁ ସେଠାରେ ରଖାଯିବାକୁ ବ୍ୟବସ୍ଥା କରାଯାଉଛି ବୋଲି ବନ ବିଭାଗ କହିଛି ।

## ସିୟୁଇଟି ରେଜଲ୍ଟ

ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍‌ଟିଏ ଦ୍ୱାରା ପରିଚାଳିତ ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ସିୟୁଇଟି-ୟୁଜି ପରୀକ୍ଷାଫଳ ପ୍ରକାଶ ପାଇଛି । ଏନ୍‌ଟିଏ ୱେବ୍‌ସାଇଟ୍‌ରେ ପରୀକ୍ଷା ଫଳ ଉପଲବ୍ଧ ହେଉଛି ।

## ଶିକ୍ଷା ସପ୍ତାହ

ଗଞ୍ଜାମଜିଲ୍ଲା ଖଲ୍ଲିକୋଟ ସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଶିକ୍ଷା ସପ୍ତାହ ପାଳିତ ହୋଇଛି । ପ୍ରତିଷ୍ଠାନର ଅଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଂଜନ ପାଣ୍ଡେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରେଣୀ ପ୍ରକୋଷ୍ଠରେ ଶିକ୍ଷଣ ସାମଗ୍ରୀର ଉପାଦେୟତା ଉପରେ ଆଲୋକପାତ କରିଥିଲେ ।

## ଆୟକର ରିଟର୍ଣ୍ଣ

ଦେଶରେ ଗତ ୨୬ ତାରିଖ ସୁଦ୍ଧା ୫ କୋଟିରୁ ଅଧିକ ଲୋକ ଆୟକର ରିଟର୍ଣ୍ଣ ଦାଖଲ କରିଛନ୍ତି । ଗତବର୍ଷ ତୁଳନାରେ ଏହା ୮ ପ୍ରତିଶତ ଅଧିକ

ବୋଲି ଆୟକର ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଇ-ଫାଇଲିଂ ମାଧ୍ୟମରେ ଆୟକର ରିଟର୍ଣ୍ଣ ଦାଖଲ ହୋଇଛି । କେବଳ ୨୬ ତାରିଖ ଦିନ ୨ ଦଶମିକ ୮ ନିୟୁତରୁ ଅଧିକ ଲୋକ ଆୟକର ରିଟର୍ଣ୍ଣ ଫାଇଲ୍ କରିଥିବା ବିଭାଗ କହିଛି ।

## ପାଣିପାଗ

ରାଜ୍ୟରେ ମୌସୁମୀ ବର୍ଷା ଲାଗି ରହିଛି । ଉତ୍ତର ପଶ୍ଚିମ ବଙ୍ଗପୋସାଗରରେ ଆସନ୍ତା ୩୧ ତାରିଖ ସୁଦ୍ଧା ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ମାସ ୩ ତାରିଖ ପର୍ଯ୍ୟନ୍ତ ଉତ୍ତର ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ।